ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 805/01-12-2020**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୧ ଡିସେମ୍ବର,୨୦୨୦

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଓଡ଼ିଶା ଖଣି ନିଗମ ଦ୍ୱାରା ବିକଶିତ ସମନ୍ୱିତ ଗ୍ରାହକ ପରିଚାଳନା ଓ ଷ୍ଟକ୍ ୟାର୍ଡ ପରିଚାଳନା ସଂପର୍କିତ ବିଭିନ୍ନ ଅନ୍‌ଲାଇନ୍ ସେବାର ଲୋକାର୍ପଣ କରିଛନ୍ତି । ଅନ୍‌ଲାଇନ୍ ସେବା ଲୋକାର୍ପଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଖଣି ନିଗମ ଏହା ଫଳରେ ତା'ର ଗ୍ରାହକକୈନ୍ଦ୍ରିକ ଦୃଷ୍ଟିକୋଣ ଓ ଷ୍ଟକ୍ ୟାର୍ଡ ପରିଚାଳନାରେ ସ୍ୱୟଂସଂପୂର୍ଣ୍ଣତା ପ୍ରଦର୍ଶନ କରିଛି । ଏହି ଅନ୍‌ଲାଇନ୍ ସେବା ଖଣିଜ ଦ୍ରବ୍ୟର ଅନ୍‌ଲାଇନ୍ ବିକ୍ରିବଟା ଏବଂ ଉତ୍ତୋଳିତ ଖଣିଜ ଦ୍ରବ୍ୟର ପରିବହନ ପରିଚାଳନାରେ ୫-'ଟି' ସୂତ୍ର ଆଧାରରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିପାରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଖଣି କାରବାରକୁ ଏକ ବ୍ୟାପକ ସାମାଜିକ-ଅର୍ଥନୈତିକ ତଥା ପାରିବେଶିକ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ବର୍ଣ୍ଣନା କରିବା ସହିତ ଆହାର, ଆଦର୍ଶ ବିଦ୍ୟାଳୟ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମଗୁଡ଼ିକରେ ସହାୟତା ନିମିତ୍ତ ଓଡ଼ିଶା ଖଣି ନିଗମର ସାମାଜିକ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଓଡ଼ିଶା ଖଣି ନିଗମ ଦେଶର ଏକ ପ୍ରମୁଖ ସାଧାରଣ ଉଦ୍ୟୋଗ ଭାବରେ ପ୍ରତିଷ୍ଠିତ ହୋଇ ସାମାଜିକ ପ୍ରତିବଦ୍ଧତା, ପରିବେଶ ସଚେତନତା, ଜ୍ଞାନକୌଶଳ ସମୃଦ୍ଧି ଓ ଦକ୍ଷତାଭିତ୍ତିକ କମ୍ପାନୀ ଭାବରେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଥିଲେ ।

- ମାନ୍ୟବର ମନ୍ତ୍ରୀ, ଖଣି ଓ ଇସ୍ପାତ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଏ.କେ. ମୀନା, ଖଣି ଓ ଇସ୍ପାତ ବିଭାଗ ପ୍ରମୁଖ ଶାସନ ସଚିବ ତଥା ନିଗମର ଅଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭିନୀଲ କ୍ରୀଷ୍ଣା ଓ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ସଂଯୋଜନା କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ଏଡସ୍ ଦିବସ ଅବସରରେ କହିଛନ୍ତି ଯେ ବିଶ୍ୱ କୋଭିଡ୍-୧୯ ବିରୁଦ୍ଧରେ ସଂଗ୍ରାମ କରୁଥିବାବେଳେ ଲକ୍ଷାଧିକ ଲୋକ ଏଚ୍‌ଆଇଭି/ଏଡସ୍‌ରେ ସଂକ୍ରମିତ ରହିଥିବା କଥା ଆମେ ଭୁଲିଯିବା ଉଚିତ ନୁହେଁ । ଏଡସ୍ ସଂକ୍ରମିତ ସାଧାରଣ ଜୀବନଧାରା ନିର୍ବାହ କରିବା ନିମନ୍ତେ ଗୁଣାତ୍ମକ ଓ

ସହଜଲଭ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ସାମାଜିକ କଳଙ୍କ ଓ ପାତରଅନ୍ତରର ବିଲୋପକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦୋହରାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଅନ୍‌ଲାଇନ୍ ପଞ୍ଜୀକରଣ, ପି–ପାସ୍ ଓ ଆଗୁଆ ଟୋକନ୍ ବ୍ୟବସ୍ଥା ସୁବିଧା ଯୋଗୁଁ ଓଡ଼ିଶା ରେକର୍ଡ ପରିମାଣର ଧାନ ସଂଗ୍ରହ କରି ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୧ଟି ଜିଲ୍ଲାରେ ୨ ଲକ୍ଷ ୩୮ ହଜାର ୪୫୨ ମେଟ୍ରିକ ଟନ୍ ଧାନସଂଗ୍ରହ ହୋଇଛି ବୋଲି ସେ କହିଛନ୍ତି ।

- ରାଜ୍ୟରେ କୋଭିଡ୍–୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ନଭେମ୍ବର ୩୦ ରୁ ଡିସେମ୍ବର ୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୨ଟି ମାମଲା ଦାୟର କରାଯାଇଥିବାବେଳେ ୨୭ ଜଣ ବ୍ୟକ୍ତିଙ୍କୁ ଗିରଫ, ୩୬୨ ଟି ଗାଡ଼ି ଜବତ ଏବଂ ୧୬,୦୮,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୫୯,୪୦,୯୦୧ ଟି ନମୁନା କୋଭିଡ୍–୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୧୯,୧୦୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୨,୦୬୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୪୪ ଜଣ କୋଭିଡ୍–୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୫,୨୪୧ ରହିଛି ।
- ୫,୨୪୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**‘ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ’**